# Akashvani, Sambalpur

## SAMBALPURI NEWS EVENING BULLETIN

## 24 June 2026-7.02- 7.12 pm.

---

୧- ଭାରତ୍ ଆଏଜ୍ ପୁର୍‌ଥି ନ ଗୁଟେ ପ୍ରମୁଖ ସାମୁଦ୍ରିକ୍ ଶକ୍ତି ଭାବେ ଉଭା ହେଇଛେ- କହେଲେ ମୁଖ୍ୟମନ୍ତ୍ରୀ ।

- ମଲ୍ଟି ଏଜେନ୍ସି ସାମୁଦ୍ରିକ ସୁରକ୍ଷା ଗ୍ରୁପ୍ ନୀତି ବୈଠକ୍‌କେ କଲେ ଉଦ୍‌ଘାଟନ୍ ।

୨- କେନ୍ଦ୍ର ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର୍ ସଫଲତା ବାବ୍‌ଦେ ତଥ୍ୟ ରଖ୍‌ଲେ କେନ୍ଦ୍ରମନ୍ତ୍ରୀ ରାମ୍‌ଦାସ ଅଠାୱାଲେ ।

୩- ସ୍ୱୟଂସହାୟକ ଗୋଷ୍ଠୀମାନ୍‌କୁ ଶହେ ୪୭ କୋଟିନୁ ଅଏତ୍‌କା ଟଙ୍କାର୍ ସୁଧ ଫିରାଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ମୁଲ୍ ହେଲା ଅନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ।

ସାମୁଦ୍ରିକ ସୁରକ୍ଷା ଗ୍ରୁପ୍ ନୀତି ବୈଠକ୍     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭାରତ୍ ଆଏଜ୍ ପୁର୍‌ଥି ନ ଗୁଟେ ପ୍ରମୁଖ ସାମୁଦ୍ରିକ୍ ଶକ୍ତି ଭାବେ ଉଭା ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ୧୪ ନମ୍ବର୍ ମଲ୍ଟି ଏଜେନ୍ସି ସାମୁଦ୍ରିକ ସୁରକ୍ଷା ଗ୍ରୁପ୍ ନୀତି ବୈଠକ୍‌କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ସାମୁଦ୍ରିକ୍ ବାଣିଜ୍ୟ ଆଉ ତାର୍ ସୁରକ୍ଷା ବ୍ୟାପକ୍ ପ୍ରଗତିର୍ ପ୍ରବେଶ୍‌ପଥ ଆଏ । ସମୁଦ୍ର, ବନ୍ଦର, ମତ୍ସ୍ୟସମ୍ପଦ୍ ଆଉ ନୀଳ ଅର୍ଥନୀତି ହେଉଛେ ଜରୁରୀ ଜାତୀୟ ସମ୍ପତି । ଇତାର୍ ସୁରକ୍ଷା, ଆର୍ଥିକ ବିକାଶ୍ ଆଉ ସମୁଦ୍ର ଉପ୍‌ରେ ନିର୍ଭର୍ କରୁଥିବା ଲାଖ୍ ଲାଖ୍ ଉପକୂଳବାସୀଙ୍କର୍ ଜୀବିକାର୍ କଲ୍ୟାଣ୍ ଲାଗି ବହୁତ୍ ଜରୁରୀ ଆଏ । ଇହାଛିନିର୍ ସମିଆଥି ସାମୁଦ୍ରିକ୍ ସୁରକ୍ଷା- ଆଇନ୍ ଶୃଙ୍ଖଳା ଭିତ୍‌ରେ ସିମିତ୍ ନୁହେଁ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କେନ୍ଦ୍ର ସର୍‌କାର୍‌ଙ୍କର୍ ସାଗର, ଆକ୍ଟ ଇଷ୍ଟ ପଲିସି, ବିମ୍‌ଷ୍ଟେକ୍ ବାଗିର୍ ପ୍ରଗତିଶୀଲ୍ ନୀତିକେ ରାଜ୍ୟ ସର୍‌କାର୍ ପୁରା ସମର୍ଥନ୍

କରୁଛନ୍ । ମାଛଧରା ଡଙ୍ଗା ମାନ୍‌କେ ନଭମିତ୍ର ଟ୍ରାନ୍ସପଣ୍ଡର ଲଗାବାର୍ ଆଉ ସମୁଦ୍ରଖଁଡ଼ି ଗାଁର୍ ଉନ୍ନତି ବାଗିର୍ କାର୍ଯ୍ୟକ୍ରମ୍ ସାମୁଦ୍ରିକ୍ ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଦିଗେ ଜରୁରୀ ପଦକ୍ଷେପ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଜାତୀୟ ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ ଆଡମିରାଲ ବିଶ୍ୱଜିତ ଦାସଗୁପ୍ତା ଯୋଗଦେଇକରି ସାମୁଦ୍ରିକ ସୁରକ୍ଷା କ୍ଷେତ୍ରଥି ଭିନ୍ ଭିନ୍ ମୋଡ଼େଲ୍ ଆଉ ରଣନୈତିକ୍ ଢାଂଚା ଉପ୍‌ରେ ଜୋର୍ ଦେଇଥିଲେ ।

ଅଠାୱ୍ଲେ - ଓଡ଼ିଶା ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱ୍ଲେ ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ଇ ଅବ୍‌ସରେ ଶ୍ରୀ ଅଠାୱ୍ଲେ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ବିଭାଗୀୟ କାର୍ଯ୍ୟକ୍ରମ୍ ଆଉ ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରିଛନ୍ । ତାର୍ ଉତ୍‌ରୁ ଭୁବ୍‌ନେଶ୍ୱରର ରାଜ୍ୟ

ଅତିଥି ଭବନ୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀ ଅଠାୱ୍ୱାଲେ ଗଲା ୧୨ ବଛ୍‌ରେ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାର୍ ସଫଲତା ବାବ୍‌ଦେ ଆଲୋଚନା କରିକରି କହିଛନ୍ ଦେଶେ ଇହାଦେତକ୍ ୫୮ କୋଟିନୁ ଅଏତ୍‌କା ଲୁକ୍‌କର୍ ଜନଧନ ଏକାଉଂଟ୍ ରହିଛେ । ସେଥିର୍‌ଭିତ୍‌ରୁ ଓଡ଼ିଶାର୍ ୨ କୋଟି ୪୦ ଲାଖ୍‌ନୁ ଅଏତ୍‌କା ଏକାଉଂଟ୍ ଅଛେ । ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନାଥି ୧୦ ଲାଖ୍ ଟଙ୍କାର୍ ଋଣ ସାହାଜ୍‌କେ ଏଛେନ୍ ୩୦ ଲାଖ୍ ଟଙ୍କାକେ ବଢ଼ାଯାଇଛେ । ଯୋଜ୍‌ନା ଅଧୀନ୍‌ଥି ଏବ୍‌ତକ୍ ୩ କୋଟି ୬୪ ଲାଖ୍ ଲୁକ୍‌କୁ ସାହାଜ୍ ଦିଆଯାଇଛେ । ଉଜ୍ଜ୍ୱଳା ଯୋଜ୍‌ନାଥି ଓଡ଼ିଶାର୍ ୫୬ ଲାଖ୍ ୪୭ ହଜାର୍ ଲୋକ୍ ଲାଭ୍ ପାଇଛନ୍ । ତୃତୀୟ ଲିଙ୍ଗୀମାନ୍‌କର୍ ସୁରକ୍ଷା ଆଉ ସେମାନ୍‌କୁ ଅଧିକାର୍ ଦେବାର୍ ଦିଗେ ସର୍‌କାର୍ ବହୁତ୍‌ଟେ ନିଷ୍ପତି ନେଇଛନ୍ । ଅନୁସୂଚିତ ଜନଜାତି ଆଉ ଜାତିବର୍ଗର ଛାତ୍ରଛାତ୍ରୀଙ୍କର୍ ସଂରକ୍ଷଣ ଆଉ ଛାତ୍ରବୃତି କ୍ଷେତ୍ରଥି ସର୍‌କାର୍ ନଉଥିବା ପଦକ୍ଷେପ୍ ଉପ୍‌ରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱ୍ୱାଲେ ସୂଚ୍‌ନା ଦେଇଛନ୍ ।

ୟୁଥ୍ ପାର୍ଲାମେଂଟାରୀ ପୁରସ୍କାର୍ English Pool

ନୂଆଦିଲ୍ଲୀ ନ ଆଏବା କାଏଲ୍ ୩୬ ନମ୍ବର୍ ଜାତୀୟ ଯୁବ ସଂସଦ୍ ପ୍ରତିଯୋଗିତା ୨୦୨୫-୨୬ ର ପୁରସ୍କାର୍ ବିତରଣ୍ ସମାରୋହ ହେବା । ସମାରୋହଥି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଯୋଗଦେଇକରି ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟ ମାନ୍‌କୁ ପୁରସ୍କୃତ୍ କର୍‌ବେ । ସଂସଦୀୟ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଏନ୍ତା ପ୍ରତିଯୋଗିତାର୍ ଆୟୋଜନ୍ ହେଇଆସୁଛେ । ସାରା ଦେଶେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍‌ର ୨୫ ଟା ଜାଗାର୍ ୨ ଶହ ଟା ବିଦ୍ୟାଳୟ ଭିତ୍‌ରେ ଇ ପ୍ରତିଯୋଗିତା ହେଇଥିଲା । ଯୁଆନ୍ ବର୍ଗଙ୍କର୍ ଭିତ୍‌ରେ ଗଣତାନ୍ତ୍ରିକ୍ ଚିନ୍ତାଧାରାକେ ପ୍ରୋତ୍ସାହନ୍ ଦେବାର୍ ଟା ଇ କାର୍ଯ୍ୟକ୍ରମ୍‌ର ମୁଲ୍ ଉଦ୍ଦେଶ୍ୟ ଆଏ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ମିଶନ ଶକ୍ତି– ସୁଧ ଟଙ୍କା ଫେରସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ମହିଳାମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍ ଆଉ ସେମାନ୍‌କୁ ଉଦ୍ୟୋଗୀ ବନାବାର୍ ଦିଗେ ସର୍‌କାର୍ ଭିନ୍ ଭିନ୍

ପଦକ୍ଷେପ୍ ନଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ନ ହେଇଥିବା ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ୨ ଲକ୍ଷ ୮୮ ହଜାର ୧୯୮ଟା ସ୍ୱୟଂସହାୟକ ଗୋଷ୍ଠୀକେ ୧୪୭ କୋଟିନ ଅଏତ୍‌କା ଟଙ୍କା ସୁଧ ଫିରେଇଛନ୍ । କାର୍ଯ୍ୟକ୍ରମ୍‌ଥି ମିଶନ ଶକ୍ତି ବିଭାଗ କମିଶନର ଆଉ  ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀ, ବିଭାଗ୍‌ର ବରିଷ୍ଠ ଅଧିକାରୀ, ବେଙ୍କ ଆଉ ସହଯୋଗୀ ସଂସ୍ଥାର ପ୍ରତିନିଧି ଆଉ ୩୦ଟା ଜିଲ୍ଲାର ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଆଉ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ପାଠ୍ୟପୁସ୍ତକ ତ୍ରୁଟି          ହି.ସ.

ବିଦ୍ୟାଳୟ ପଢ଼ା ବହିଥି ଥିବା ଭୁଲ୍ ପ୍ରସଙ୍ଗଥି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ–ଏସ୍.ସି.ଇ.ଆର୍.ଟି କାର୍ଯ୍ୟାଳୟ ନ ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍‌ଥି ୩ ଝନିଆ କମିଟି ତଦନ୍ତ୍ ମୁଲ୍

କରିଛନ୍ । ଇ କମିଟି ଆଏଜ୍ ତଦନ୍ତ୍ ରିପୋର୍ଟ ଦେବେ । ଇତାର୍ ଆଧାର୍‌ଥି ଆଗ୍‌କେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଜନାପଡ଼ିଛେ । କମିଟି ସଦସ୍ୟ ଆଉ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଗଣଶିକ୍ଷା ସଚିବ ଏନ୍.ତିରୁମାଲ୍ଲା ନାୟକ, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ୍ ଉପସ୍ଥିତ ରହିକରି ଘଟ୍‌ନାର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ତର୍ଜମା କରୁଛନ୍ ।

ନବକୃଷ୍ଣ ଚୌଧୁରୀ - ପୁଣ୍ୟତିଥି ଆଇ.ଆଣ୍ଡ୍.ପି.ଆର୍

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର୍ ଶ୍ରାଦ୍ଧ ଦିବସ ଅବସରେ ଆଏଜ୍ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ବିଧାନ୍‌ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତ୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଲ୍‌ର ସଦସ୍ୟ ଆଉ ବିଧାୟକ୍‌ମାନେ ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣେଇକରି କହିଛନ୍, ସତ୍ୟ, ନିଷ୍ଠା, ଜନସେବା ଆଉ ଆଦର୍ଶ ନେତୃତ୍ୱ ଲାଗି ସେ ସବୁବେଲେ ସୋର୍ ରହେବେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ରାଜ୍ୟର୍ ସର୍ବାଙ୍ଗୀନ ବିକାଶ୍ ଲାଗି ତାଙ୍କର୍ ଉତ୍ସର୍ଗୀକୃତ ସେବାର ତୁଲ୍ନା ନାଇଁନ । ତାଙ୍କର୍ ସରଲ୍ ଜୀବନ୍, ସ୍ୱଚ୍ଛତା ଆଉ ମୂଲ୍ୟବୋଧ ଭିତିକ ରାଜ୍ନୀତି ସମ୍କର୍ ଲାଗି ପ୍ରେରଣା ଯୁଗାବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

## କୃଷିରେ ମହିଳା ସଶକ୍ତିକରଣ୍ କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ କୃଷି କ୍ଷେତ୍ରୁ ମହିଳାମାନ୍କର୍ ଭାଗିଦାରୀ ଆଉ ଅଧିକାର୍କେ ଅଏତ୍କା ମଜ୍‌ବୁତ୍ କର୍‌ବାର୍ ଲାଗି ରାଜ୍ୟ ସର୍କାର୍ଙ୍କର୍ କୃଷି ବିଭାଗ୍ ଆଉ ଅନ୍ତର୍ଜାତୀୟ ଖାଦ୍ୟନୀତି ପ୍ରତିଷ୍ଠାନ୍ ଆଇ.ଏଫ୍.ପି.ଆର୍.ଆଇ. ତର୍ଫୁ ଭୁବ୍ନେଶ୍ୱର୍ ଠାନେ ୨ ଦିନିଆ ପ୍ରଶିକ୍ଷଣ୍ କର୍ମଶାଳା ଆୟୋଜିତ୍ ହେଇଛେ । 'ଲିଙ୍ଗଗତ-

ସମ୍ବେଦନଶୀଲ କକ୍ଷ’ ଜରିଏ କୃଷିନୀତିଥି ମହିଲାଚାଷୀମାନ୍‌କୁ ସମାନ୍ ସୁଯୋଗ୍ ଦେବାର୍ ଇ କାର୍ଯ୍ୟକ୍ରମ୍‌ର ମୁଲ୍ ଉଦ୍ଦେଶ୍ୟ ଆଏ । କୃଷି ସଚିବ ସଚିନ୍ ରାମଚନ୍ଦ୍ର ଯାଦବ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ । କର୍ମଶାଳାଥି ମହିଲାମାନ୍‌କର୍ ଲାଗି ସ୍ୱତନ୍ତ୍ର ବଜେଟ୍, ଡିଜିଟାଲ୍ ସେବା ଆଉ ଏ.ଏସ୍.ୟୁ.ଏସ୍.ଇ. -୨୦୨୩-୨୪ ତଥ୍ୟ ବେଭାର୍ ଉପ୍‌ରେ ତାଲିମ୍ ଦିଆଯାଇଥିଲା ।

ମହାପ୍ରଭୁଙ୍କ ରାଜେନ୍ଦ୍ର ଅଭିଷେକ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ନ ଆଏଜ୍ ଜ୍ୟେଷ୍ଠ ମାସର୍ ଉଜଲ୍‌ପଖର୍ ଦଶ୍‌ମୀ ତିଥି ଅବ୍‌ସରେ ମହାପୁରୁମାନ୍‌କର୍ ରାଜେନ୍ଦ୍ର ଅଭିଷେକ ନୀତି କରାଯାଉଛେ । ସନ୍ଧ୍ୟାଧୂପ ଉତ୍‌ରୁ ଇ ସ୍ୱତନ୍ତ୍ର ନୀତି ମୁଲ୍ ହେଇଛେ । ମହାପ୍ରଭୁଙ୍କର୍ ଚଳନ୍ତି ପ୍ରତିମା ମଦନ୍‌ମୋହନ୍ ଆଜ୍ଞାମାଳ ପାଏଲା ଉତ୍‌ରୁ ଭୋଗ ଘର ନିକେ ବିଜେ କର୍‌ବେ । ଇ ସମିଆଥି ମହାପୁରୁଙ୍କର୍ ଆଲଟଲାଗି ସହେତେ ପଣାଭୋଗ କରାଯିବା । ଭୋଗବାଟ ନ ବଚନିକା ସହେତେ ଆଏବା ସମିଆଥି ମଦନ୍‌ମୋହନ୍‌ଙ୍କୁ ରଥକେ ନିଆଯିବାର୍ ପରମ୍ପରା ରହିଛେ । ତାର୍

ଉତ୍‌ରୁ ରଥବେଢ଼ା ପରିକ୍ରମା ଆଉ ମାହାପୁରୁଙ୍କର୍ ନ ଦଣ୍ଡ ପ୍ରଣାମ୍ କରାଯିବା ।

**ରାଜସ୍ୱ ମନ୍ତ୍ରୀ କଲାହାଣ୍ଡି ଗସ୍ତ** **କଲାହାଣ୍ଡି ସମ୍ବାଦଦାତା**

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି ଥୁଆମୁଲ୍ ରାମ୍‌ପୁର୍ ଶେମେଲ୍‌ପଦର୍ ଜଙ୍ଗଲ୍ ଅଧିକାର୍ ହିତାଧିକାରୀମାନ୍‌କୁ ଜଙ୍ଗଲ୍ ଜମି ପଟ୍ଟା ଆଉ ୫୦ ଟା ସ୍କୁଲ୍‌କେ ଜମି ପଟ୍ଟା ବାଂଟିଛନ୍ । ତାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜିଲ୍ଲା ପ୍ରଶାସନ୍‌ର ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି, ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଜଲ୍‌ସେଚନ୍ ଆଉ ପ୍ରକଳ୍ପ ବାବଦ୍ କ୍ଷତିପୂରଣ୍ ଆଉ ଥଇଥାନ୍ ବାବ୍‌ଦେ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ପଟ୍ଟାଥି ଥିବା ଭୁଲ୍ 'କଲମ୍ ଟୁ କରେକ୍ସନ୍' ଜରିଏ ସଂଶୋଧନ୍ କରାଯିବା । ଗଲା ୨ ବଛ୍‌ରେ ୨ କୋଟି ୫୦ ଲାଖ୍ ଲୁକ୍‌କୁ ରାଜସ୍ୱ ସେବା ଯୁଗେଇ ଦିଆଯାଇଛେ । ସବୁତକ ସେବା ଅନ୍‌ଲାଇନ୍ ମୋବାଇଲ୍ ଆପ୍ ଆଉ କେସ୍‌ଲେସ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଆଥ୍‌ଲେଟିକ୍ ଚାମ୍ପିୟନସିପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାନେ ଆଏଜ୍‌ଠାନୁ ୬୫ ନମ୍ବର୍ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା-୨୦୨୬ ମୁଲ୍ ହେଇଛେ । ୨୮ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ୨୭ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ନୁ ପାଖାପାଖି ୬ ଶହ ୩୦ ଝନ୍ ଖେଳାଳି ଭାଗ୍ ନେଇଛନ୍ । ଇଥି ମୋଟ୍ ୪୫ ଟା ବର୍ଗଥି ପ୍ରତିଯୋଗିତା ହେବା । କୃତି ପ୍ରତିଯୋଗୀମାନେ ଆଏବା ସେପ୍ଟେମ୍ବର୍ ମାସର୍ ୧୯ ତାରିଖ୍‌ନୁ ଅକ୍ଟୋବର୍ ୪ ତାରିଖ୍‌ତକ୍ ଜାପାନ୍ ନ ହେବାର୍‌କେ ଥିବା ଏସିଆନ୍ ଗେମ୍ସ -୨୦୨୬ ଥି ଭାଗ୍ ନେବାର୍ ସୁଯୋଗ ପାଏବେ ।

ଇହାଦେ କେତେଟା ଛୋଟ୍ ଛୋଟ୍ ଖବର୍

ଦେବ୍‌ଗଡ଼୍/ବୌଦ୍ଧ/ବର୍‌ଗଡ଼୍

- ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ କେଲ୍‌ଡ଼ା ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଳୟ ନ ନିଶାମୁକ୍ତ ଭାରତ୍ ଅଭିଯାନ୍ ଆଉ

ବିକଶିତ୍ ଭାରତ୍ ପରିଚୟ ବାବ୍‌ଦେ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ ।

- ରାଜ୍ୟ ସର୍କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ବିକାଶ୍‌ର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବାର୍‌କୋଟ୍ ବ୍ଲକ୍‌ର ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ପରିଦର୍ଶନ୍ କରାଯାଇଛେ ।

- ବୌଦ୍ଧ ଜିଲ୍ଲା ନ ଭୋଟର ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍ ୯୭ ପ୍ରତିଶତ ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହୋଇଛେ । ଜିଲ୍ଲା ନ ୯୯ ଦଶମିକ ୯/୨ ପ୍ରତିଶତ ପରିଗଣନା ଫର୍ମ ବଂଟାଯାଇଛେ ।

- ବର୍‌ଗଡ଼୍ ପୌର ପରିଷଦ୍ ତର୍‌ଫୁ ବିଜୁ ପଟ୍ଟନାୟକ୍ ଟାଉନ୍‌ହଲ୍ ଠାନେ ସହରାଂଚଲ୍ ଜନସମ୍ପର୍କ ଆଉ ନାଗରିକ୍ ସହଭାଗିତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ରାଜ୍ୟ ସର୍କାର୍‌ଙ୍କର୍ ଲୋକାଭିମୁଖୀ ଯୋଜ୍‌ନା ଆଉ ଉନ୍ନୟନ୍‌ମୂଲକ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଲୁକ୍‌କୁ ଜନେଇ ଦିଆଯାଇଥିଲା ।